## ଝାଡ଼ଖଣ୍ଡରେ କେନ୍ଦ୍ରସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମ

# 'ସାହିତ୍ୟ ଓ ଭାଷା ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସୀମାବଦ୍ଧ ନୁହେଁ'



ଭୁବନେଶ୍ୱର,୨୫/୫(ଇମିସ): ଓଡ଼ିଆ ଭାଷା, ସାହିତ୍ୟ କିମ୍ବା ସଂସ୍କୃତି କୌଣସି ନିର୍ଦ୍ଦିଷ୍ଟ ଭୂଖଣ୍ଡ ମଧ୍ୟରେ ସୀମାବଦ୍ଧ ନୁହେଁ। ମହାଜାଗତିକ ଚେତନାରେ ଉଦ୍‌ବୁଦ୍ଧ ସମଗ୍ର ବିଶ୍ୱର ସର୍ବାଙ୍ଗୀନ କଲ୍ୟାଣରେ ବ୍ରତୀ ଏହି ଜାତିର ଅବସ୍ଥିତି ଯେ କୌଣସି ଭୂଖଣ୍ଡରେ ଥାଉନା କାହିଁକି, ତା'ର ତ୍ରୁଟିପୂର୍ଣ୍ଣ ଓ ସୁନ୍ଦର ଭାଷା ଯେ କୌଣସି ପ୍ରାନ୍ତରେ ବ୍ୟବହୃତ ହେଉନା କାହିଁକି, ବିଶ୍ୱ ଭ୍ରାତୃତ୍ୱ ଓ ଐକ୍ୟ ସ୍ଥାପନ ନିମନ୍ତେ ଏ ମହାନ ସଂସ୍କୃତିର ଉତ୍ତରୋତ୍ତର ଉନ୍ନତି- ଆଜି ଆମ ସମସ୍ତଙ୍କର ଏକାନ୍ତ ଧ୍ୟେୟ। ଏହାର ପ୍ରଚାର ପ୍ରସାର ଓ ସଂରକ୍ଷଣ ଆମ ସମସ୍ତଙ୍କର ଏକ ସାମୂହିକ ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟ। ଝାଡ଼ଖଣ୍ଡର ଚାଇବସାସ୍ଥିତ କୋହ୍ଲାଣ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ବିଶିଷ୍ଟ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

ଗତ ୨୪ ତାରିଖ ଦିନ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କିସ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ଚେୟାର୍‌ର ପ୍ରଫେସର ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋହ୍ଲାଣ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗଙ୍ଗାଧର ପଣ୍ଡା, ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ଦୀନେଶ ଷଡ଼ଙ୍ଗୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧିରେ ସିଂହଭୂମିର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏକାଡେମିର ଆଞ୍ଚଳିକ ସଚିବ ଦେବେନ୍ଦ୍ର ଦେବେଶ ସ୍ୱାଇଁ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ପ୍ରକାଶ ରଂଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ● କୋହ୍ଲାଣ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ବହୁ ଗବେଷକ ଯୋଗଦେଲେ
## ● ଓଡ଼ିଆ ଭାଷା ସମୃଦ୍ଧିରେ ସିଂହଭୂମିର ଅବଦାନ ରହିଛି

ଅନ୍ୟ ଦୁଇଟି ଅଧିବେଶନରେ ଯଥାକ୍ରମେ ପ୍ରଫେସର ବିଜୟ କୁମାର ଶତପଥୀ ଓ ପ୍ରଦୀପ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମୁଖ୍ୟ ଡ. ହରିହର ପ୍ରଧାନ, ପ୍ରଫେସର ସତ୍ୟପ୍ରିୟ ମହାଲିକ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର , ସୁରେଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ବହୁ ଗବେଷକ ଓ ଅଧ୍ୟାପକ ପ୍ରବନ୍ଧ ପାଠ କରିବା ସହ ଭାଷା, ସାହିତ୍ୟ ଓ ସଂସ୍କୃତିର ସାଂପ୍ରତିକ ପରିସ୍ଥିତିକୁ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସିଂହଭୂମି, ସରେଇକଲା, ଖରସୁଆଁ ଅଞ୍ଚଳର ଅନେକ ସାହିତ୍ୟିକ, ଅଧ୍ୟାପକ, ସମାଲୋଚକ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।